## କେନ୍ଦୁଝର : ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳିତ :

## କେନ୍ଦୁଝର ଜିଲ୍ଲାକୁ ଏକ ସମୃଦ୍ଧଶାଳୀ ଜିଲ୍ଲା ଭାବେ ଗଢି ତୋଳିବା ସହ ସମୃଦ୍ଧ ଓ ସଶକ୍ତ ଓଡିଶା ତଥା ବିକଶିତ ଭାରତ ଗଠନ ପାଇଁ ସଂକଳ୍ପ ନିଅନ୍ତୁ : ମନ୍ତ୍ରୀ ରଘୁନନ୍ଦନ ଦାସ




କେନ୍ଦୁଝର, ୧୫.୦୮.          କେନ୍ଦୁଝର ଜିଲ୍ଲା ସଦର ମହକୁମାରେ ୭୫ ତମ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ତା ୧୫.୦୮.୨୦୨୧ରିଖ ରବିବାର ଦିନ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ କେନ୍ଦୁଝର ଷ୍ଟାଡିୟମ୍‌ରେ ଆୟୋଜିତ ଜିଲ୍ଲାସ୍ତରୀୟ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଓଡିଶାର ମାନ୍ୟବର ମନ୍ତ୍ରୀ ଜଳ ସମ୍ପଦ, ସୂଚନା ଓ ଲୋକ ସଂପର୍କ ରଘୁନନ୍ଦନ ଦାସ ଜାତୀୟ ପତାକା ଉତୋଳନ କରିବା ସହ ଅଭିବାଦନ ଗ୍ରହଣ କରିଥିଲେ । ଉଦ୍‌ବୋଧନ ଛଳରେ ମନ୍ତ୍ରୀ ଶ୍ରୀ ଦାସ କହିଥିଲେ ଯେ ସ୍ୱାଧିନତା ଦିବସ ହେଉଛି ଆତ୍ମ ସମୀକ୍ଷା, ସ୍ମୃତି ଓ ସଂକଳ୍ପର ଦିନ । ସ୍ୱାଧୀନତା ସଂଗ୍ରାମୀମାନେ ଯେଉଁ ସ୍ୱପ୍ନର ଆଧାରରେ ଆମ ପାଇଁ ସ୍ୱାଧୀନତା ଦେଇଛନ୍ତି, ସେମାନଙ୍କର ସ୍ୱପ୍ନକୁ ସାକାର କରିବା ପାଇଁ ଆମକୁ ପୁନଃ ସଂକଳ୍ପବଦ୍ଧ ହେବାକୁ ପଡିବ । ଭାରତର ସାର୍ବଭୌମତ୍ୱକୁ ଅକ୍ଷୁର୍ଣ୍ଣ ରଖିବା ସଙ୍ଗେ ସଙ୍ଗେ ଦେଶକୁ ତଥା ଆମ ରାଜ୍ୟକୁ ପ୍ରଗତି ପଥରେ ଆଗେଇ ନେବାକୁ ହେବ । କେନ୍ଦୁଝର ଜିଲ୍ଲାକୁ ଏକ ସମୃଦ୍ଧଶାଳୀ ଜିଲ୍ଲା ଭାବେ ଗଢି ତୋଳିବା ସହ ସମୃଦ୍ଧ ଓ ସଶକ୍ତ ଓଡିଶା ତଥା ବିକଶିତ ଭାରତ ଗଠନ ପାଇଁ ସଂକଳ୍ପ ନେବାକୁ ଆହ୍ୱାନ ଜଣାଇଛନ୍ତି । ଏତଦ୍‌ବ୍ୟତୀତ ଦେଶ ପ୍ରତି ସମସ୍ତେ ପ୍ରତିବଦ୍ଧତା ରଖିବାକୁ ନିବେଦନ କରିଛନ୍ତି । ଦେଶଭକ୍ତ କ୍ରାନ୍ତିକାରୀ ମୁକ୍ତିଯୋଦ୍ଧା ଯେଉଁମାନଙ୍କର ଉତ୍ସର୍ଗୀକୃତ ପ୍ରୟାସ ଓ ଅକ୍ଳାନ୍ତ ପରିଶ୍ରମ, ଅସୀମ ତ୍ୟାଗ ଓ ବଳିଦାନ ଫଳରେ ପରାଧିନ ଭାରତ ସ୍ୱାଧୀନତାର ସୂର୍ଯ୍ୟ ଦେଖିଥିଲା, ସେହି ସଂଗ୍ରାମୀମାନଙ୍କୁ ଭକ୍ତିପୂତ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଭାରତର ସ୍ୱାଧୀନତା ସଂଗ୍ରାମରେ କେନ୍ଦୁଝର ଜିଲ୍ଲାର ଅଲିଭା ସ୍ୱାକ୍ଷର ରହିଛି । ବ୍ରିଟିଶ୍ ଶାସନ ସମର୍ଥନରେ ତତ୍‌କାଳୀନ ରାଜତନ୍ତ୍ର ଶାସନର ଶୋଷଣ ବିରୁଦ୍ଧରେ ଶାନ୍ତ, ସରଳ ଓ ଅତ୍ୟାଚାରିତ ଅଧିବାସୀଙ୍କୁ ରକ୍ଷା କରିବା ପାଇଁ କେନ୍ଦୁଝର ଜିଲ୍ଲାର ଧରଣୀଧର ଭୂୟାଁଙ୍କ ବିପ୍ଳବର କାହାଣୀ ଓଡିଶା ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଛି । ଦେଶ ଓ ରାଜ୍ୟର ବିକାଶ ସହିତ କେନ୍ଦୁଝର ଜିଲ୍ଲାର ବିକାଶ ତ୍ୱରାନ୍ୱିତ ହୋଇଛି । ଜିଲ୍ଲାରେ ସ୍ୱାସ୍ଥ୍ୟସେବା, କୃଷି, ଜଳସେଚନ, ଶିକ୍ଷା, ପାନୀୟ ଜଳ ଯୋଗାଣ, ଜୀବିକାର୍ଜନ ଓ ଭିତିଭୂମିରେ ବିକାଶ ଘଟିଛି । ରତ୍ନଗର୍ଭା କେନ୍ଦୁଝର ମାଟିରେ ବିପୁଳ ପରିମାଣରେ ଖଣିଜ ସଂପଦ ଭରି ରହିଛି । ଆଜିଯାଏ କେନ୍ଦୁଝର ଜିଲ୍ଲା ଦେଶକୁ ଓ ରାଜ୍ୟକୁ ସମୃଦ୍ଧ କରିଆସିଛି । ପ୍ରାକୃତିକ ସଂପଦ ଏବଂ ମାନବ ସମ୍ବଳର ଉପଯୁକ୍ତ ବିନିଯୋଗ କରି ଜିଲ୍ଲାକୁ ଏକ ସମୃଦ୍ଧଶାଳୀ ଜିଲ୍ଲାରେ ପରିଣତ କରିବାକୁ ସମସ୍ତେ ସାମୁହିକ ଉଦ୍ୟମ କରିବାର ଆବଶ୍ୟକତା ରହିଛି । ଭାଷଣ ପ୍ରସଙ୍ଗରେ ମନ୍ତ୍ରୀ ଶ୍ରୀ ଦାସ କହିଥିଲେ ଯେ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଆଜି ଓଡିଶାରେ ବିକାଶର ଧାରା ପ୍ରବାହିତ ହେଉଛି । ଶିକ୍ଷା, ସ୍ୱାସ୍ଥ୍ୟସେବା, ଗମନାଗମନ, ଶିଳ୍ପ ପ୍ରତିଷ୍ଠା, କୃଷି, ଜଳସେଚନ ଆଦି ପ୍ରତ୍ୟେକ କ୍ଷେତ୍ରରେ ଆମେ ଆଶାଜନକ ସଫଳତା ହାସଲ କରିଛୁ । କିନ୍ତୁ ପାଖାପାଖି ଦେଢ ବର୍ଷ ହେଲା କୋଭିଡ୍-୧୯ ମହାମାରୀ ସମଗ୍ର ବିଶ୍ୱରେ ଜୀବନ ଓ ଜୀବିକା କ୍ଷେତ୍ରରେ ଗଭୀର ପ୍ରଭାବ ପକାଇଛି । ଆମ ସାମାଜିକ, ଅର୍ଥନୈତିକ, ଶିକ୍ଷା, କୃଷି, ସ୍ୱାସ୍ଥ୍ୟସେବା କ୍ଷେତ୍ରକୁ ଏହା ବହୁଳ ଭାବେ ପ୍ରଭାବିତ କରିଛି ଏବଂ ସମଗ୍ର ବିଶ୍ୱ ମାନବ ସମାଜ ଏଥିପାଇଁ ଅଭୂତପୂର୍ବ ଆହ୍ୱାନର ସମ୍ମୁଖୀନ ହୋଇଛି । କିନ୍ତୁ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଆମ ରାଜ୍ୟ ସରକାର ଆମର ପ୍ରିୟ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ବିଭିନ୍ନ କ୍ଷେତ୍ରରେ ଲକ୍ଷ୍ୟ ସାଧନରେ ନିରନ୍ତର ପ୍ରୟାସ ଜାରି ରଖିଛନ୍ତି । ମହାମାରୀ ସଂକ୍ରମଣର ମୁକାବିଲା ପାଇଁ ରାଜ୍ୟ ସରକାର 'କୋଭିଡ୍ କେୟାର ସୁବିଧା' ସ୍ଥାପନ, ଫଳପ୍ରଦ ତଦାରଖ ବ୍ୟବସ୍ଥା ଏବଂ ସଫଳ ଟୀକାକରଣ ଭଳି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି । ଶୀଘ୍ର ରୋଗ ନିରୂପଣ ଓ କୋଭିଡ୍ ଆକ୍ରାନ୍ତଙ୍କ ଚିକିତ୍ସା ଭଳି ପ୍ରଭାବୀ ପଦକ୍ଷେପ ରାଜ୍ୟ ସରକାର ଗ୍ରହଣ କରିବା ଦ୍ୱାରା ରାଜ୍ୟରେ କୋଭିଡ୍ ସଂକ୍ରାନ୍ତୀୟ ମୃତ୍ୟୁ ସଂଖ୍ୟାକୁ କମାଯିବା ସହ ମହାମାରୀ ସଂକ୍ରମଣକୁ ସଫଳତାର ସହ ନିୟନ୍ତ୍ରଣ କରାଯାଇପାରିଛି ଏବଂ ରେକର୍ଡ ସମୟ ମଧ୍ୟରେ ସର୍ବାଧିକ ସଂଖ୍ୟକ ସଂକ୍ରମିତଙ୍କ ଆରୋଗ୍ୟ ଲାଭ ଘଟିଛି । ସ୍ୱାସ୍ଥ୍ୟ ଭିତିଭୂମିର ଉନ୍ନତି ପାଇଁ ରାଜ୍ୟ ସରକାର ୮ ହଜାର ୫୦୦ କୋଟି ଟଙ୍କାର ନିବେଶ କରୁଛନ୍ତି । ଦେଶରେ ଯେତେବେଳେ ଗୁରୁତର କୋଭିଡ୍ ସଂକ୍ରମିତଙ୍କ ଚିକିତ୍ସା କ୍ଷେତ୍ରରେ ନିତାନ୍ତ ଆବଶ୍ୟକ ପଡୁଥିବା ମେଡିକାଲ୍ ଅକ୍ସିଜେନ୍‌ର ଘୋର ଅଭାବ ପରିଲକ୍ଷିତ ହୋଇଥିଲା, ସେତେବେଳେ ରାଜ୍ୟ ସରକାର ପ୍ରଶଂସନୀୟ ପଦକ୍ଷେପ ସ୍ୱରୂପ ନିଜ ରାଜ୍ୟରେ ଚିକିତ୍ସିତ ଆକ୍ରାନ୍ତଙ୍କ ସମେତ ଦେଶର ଅନ୍ୟ ରାଜ୍ୟମାନଙ୍କୁ ଏହି ଜୀବନ ରକ୍ଷାକାରୀ ମେଡିକାଲ୍ ଅକ୍ସିଜେନ୍ ଯୋଗାଇଦେଇ ସହଯୋଗ କରିଛନ୍ତି । ଆଗକୁ କୋଭିଡ୍‌ର ୩ୟ ଲହରକୁ ଆଶଙ୍କା କରି ଏହାର ମୁକାବିଲା ପାଇଁ ଆମ ରାଜ୍ୟ ଉପଯୁକ୍ତ ପ୍ରସ୍ତୁତି କରିଛି ଏବଂ ଏଥି ପାଇଁ ଆମକୁ ଏବେଠାରୁ ଅଧିକରୁ ଅଧିକ ଯତ୍ନବାନ ହେବା ସହ ସରକାରଙ୍କ ତରଫରୁ ବିଭିନ୍ନ ସମୟରେ ଜାରି କରାଯାଉଥିବା କୋଭିଡ୍ ମାର୍ଗଦର୍ଶିକାକୁ ସଠିକ୍ ଭାବେ ଅନୁପାଳନ କରିବାକୁ ମନ୍ତ୍ରୀ ଶ୍ରୀ ଦାସ କେନ୍ଦୁଝର ଜିଲ୍ଲାବାସୀଙ୍କୁ ଅନୁରୋଧ କରିଥିଲେ । ଗରିବ ଲୋକଙ୍କ ଉପରେ କୋଭିଡ୍ ମହାମାରୀର ପ୍ରଭାବ କମ୍ କରିବା ପାଇଁ ରାଜ୍ୟ ସରକାର ଛୋଟ ଦୋକାନୀ, ଛୋଟ ଚାଷୀ, ମିଶନ ଶକ୍ତିର ମା'ମାନଙ୍କୁ ଆର୍ଥିକ ସହାୟତା ଯୋଗାଇ ଦେଇଛନ୍ତି । ମହାମାରୀ ସମୟରେ ଅନାଥ ଶିଶୁମାନଙ୍କୁ ଉଦ୍ଧାର କରି ସେମାନଙ୍କର ସୁରକ୍ଷିତ ଭବିଷ୍ୟତକୁ ସୁନିଶ୍ଚିତ କରିବା ପାଇଁ ରାଜ୍ୟ ସରାକର 'ଆଶୀର୍ବାଦ ଯୋଜାନା' ପ୍ରଣୟନ କରିଛନ୍ତି । କୃଷକ ଓ ଭୂମିହୀନ କୃଷି ଶ୍ରମିକମାନଙ୍କର ଜୀବନ ଜୀବିକା ସହାୟତା ଓ ରୋଜଗାର ବୃଦ୍ଧି ଲକ୍ଷ୍ୟରେ ଆମ ରାଜ୍ୟରେ ଆରମ୍ଭ ହୋଇଥିବା 'କାଳିଆ' ଯୋଜନା କରୋନା ମହାମାରୀ ସମୟରେ ସେମାନଙ୍କ ପାଇଁ ବରଦାନ ସଦୃଶ ହୋଇଛି । ରାଜ୍ୟ ସରକାର ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଓ ଅନ୍ୟାନ୍ୟ ପଛୁଆବର୍ଗଙ୍କ କଲ୍ୟାଣ ପାଇଁ ନିରନ୍ତର ପ୍ରୟାସ ଜାରି ରଖିଛନ୍ତି । ଆମ ରାଜ୍ୟ ସରକାର ଜନସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ସେବା ପ୍ରଦାନ ଏବଂ ଲୋକାଭିମୁଖୀ କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ ପରିଚାଳନା ପାଇଁ '୫-ଟି' ଆଭିମୁଖ୍ୟ ଏବଂ 'ମୋ ସରକାର' କାର୍ଯ୍ୟକ୍ରମକୁ ଗୁରୁତ୍ୱ ଦେଉଛନ୍ତି । ଆମ ଯୋଜନାର ସବୁରି ମୂଳରେ ମହିଳା ସଶକ୍ତିକରଣକୁ ପ୍ରାଧାନ୍ୟ ଦିଆଯାଉଛି । ଚଳିତ ଆର୍ଥିକ ବର୍ଷରେ ୨ ଲକ୍ଷ ୭୬ ହଜାର ହେକ୍ଟରକୁ ଜଳ ସେଚନ ସୁବିଧା ଯୋଗାଇ ଦେବା ପାଇଁ ଜଳ ସଂପଦ ବିଭାଗ ତରଫରୁ ଲକ୍ଷ୍ୟ ରହିଛି । କେନ୍ଦୁଝର ଜିଲ୍ଲାରେ କାନପୁର ପ୍ରକଳ୍ପ କାର୍ଯ୍ୟକାରିତା ନେଇ ଯେଉଁ ବୈଷୟିକ ସମସ୍ୟା ରହିଥିଲା ତାହା ଦୂରୀକରଣ କରାଯାଇଛି । ଆଗାମୀ ଦୁଇ ବର୍ଷ ମଧ୍ୟରେ ଏହି ପ୍ରକଳ୍ପ ଶେଷ ହେବାର ଲକ୍ଷ୍ୟ ରହିଛି । ସେହିପରି ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପରୁ ଜିଲ୍ଲାବାସୀଙ୍କ ପାଇଁ ଡି.ଏମ୍.ଏଫ୍. ଓ ଓମ୍‌ବାଡିସି ପାଣ୍ଠିରୁ ଅଧିକ ସଂଖ୍ୟକ ମେଗା ଲିଫ୍ଟ ପ୍ରକଳ୍ପ କରାଯାଇ ଅଧିକ ଚାଷ ଜମିକୁ ଜଳସେଚନ ସୁବିଧା ଯୋଗାଇଦେବାର ଲକ୍ଷ୍ୟ ରହିଛି । ରାଜ୍ୟରେ କୃଷିର ବିକାଶ ଓ କୃଷକଙ୍କ ଆର୍ଥିକ ମାନଦଣ୍ଡର ଅଭିବୃଦ୍ଧି ପାଇଁ ଆମ ପ୍ରିୟ ମୁଖ୍ୟମନ୍ତ୍ରୀ ରାଜ୍ୟରେ ଜଳ ସଂପଦର ବିକାଶ କରି ସବୁ ଚାଷ ଜମିକୁ ଯେପରି ଜଳ ସେଚନର ସୁବିଧା ହୋଇପାରିବ, ସେଥିପ୍ରତି ଗୁରୁତ୍ୱ ଦେଉଛନ୍ତି । କ୍ରୀଡା ଭିତିଭୂମିର ବିକାଶ ନିମନ୍ତେ

ଓଡିଶାରେ ୧ ହଜାର କୋଟିରୁ ଅଧିକ ଟଙ୍କା ପୁଞ୍ଜି ନିବେଶ କରାଯାଉଛି । ରାଜ୍ୟରେ କ୍ରୀଡାବିତ୍‌ମାନଙ୍କୁ ଉନ୍ନତମାନର କ୍ରୀଡା ଭିତିଭୂମି ସୁନିଶ୍ଚିତ କରିବା ପାଇଁ ୮୯ଟି ସହରରେ ଇନ୍‌ଡୋର ଷ୍ଟାଡିୟମ୍ ନିର୍ମାଣ ହେବାକୁ ଯାଉଛି । ଏଥିପାଇଁ ୬୯୩ କୋଟି ବ୍ୟୟ ଅଟକଳ ହୋଇଥିବାବେଳେ ଆବଶ୍ୟକ ସ୍ଥଳେ ଏହାକୁ ବିପର୍ଯ୍ୟୟ ଆଶ୍ରୟସ୍ଥଳ ଭାବେ ମଧ ବ୍ୟବହାର କରାଯାଇପାରିବ । ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ ଏବଂ ରାଉରକେଲାଠାରେ ଦେଶର ସର୍ବବୃହତ୍ ହକି ଷ୍ଟାଡିୟମ ନିର୍ମାଣ ସହିତ ରାଜ୍ୟ ଏହି ଦୁଇଟି ସ୍ଥାନରେ ଆଗାମୀ ୨୦୨୩ ହକି ବିଶ୍ୱକପ୍ ସଫଳତାର ସହ ବଡଧରଣର ଆୟୋଜନ ପାଇଁ ପ୍ରସ୍ତୁତି ଜାରି ରହିଛି । ଶିଳ୍ପର ବିକାଶ ପାଇଁ ପୁଞ୍ଜି ନିବେଶ କ୍ଷେତ୍ରରେ ଓଡିଶା ପ୍ରମୁଖ ରାଜ୍ୟ ହୋଇଛି । ନିକଟରେ ମାନ୍ୟବର ମୁଖ୍ୟମନ୍ତ୍ରୀ ୧ଲକ୍ଷ ୪୬ ହଜାର କୋଟି ମୂଲ୍ୟର ୫ଟି ଇସ୍ପାତ ଓ ଧାତବ ଶିଳ୍ପ ପ୍ରକଳ୍ପକୁ ମଞ୍ଜୁରୀ ଦେଇଛନ୍ତି । ଏହି ପ୍ରକଳ୍ପ ରାଜ୍ୟରେ ଇସ୍ପାତ ଉତ୍ପାଦନ ୫୮ ନିୟୁତ ଟନକୁ ବୃଦ୍ଧି ପାଇବ ଓ ୨୭ ହଜାର ରୋଜଗାର ସୃଷ୍ଟି ହେବ । ଆପଦଗ୍ରସ୍ତ ଜନଜାତି ପରିବାର ଓ ଛାତ୍ରଛାତ୍ରୀଙ୍କ ସୁବିଧା ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର କୋଭିଡ୍ ସହାୟତା ପ୍ରଦାନ କରିଛନ୍ତି । ମାନ୍ୟବର ମୁଖ୍ୟମନ୍ତ୍ରୀ ନିର୍ମାଣ ଶ୍ରମିକଙ୍କ ପାଇଁ ୩୮୫ କୋଟି ଟଙ୍କାର ସ୍ୱତନ୍ତ୍ର କୋଭିଡ୍ ସହାୟତା ପ୍ରଦାନ କରିଛନ୍ତି । ମହାମାରୀ ସତ୍ୱେ ରାଜ୍ୟର ରାଜସ୍ୱ ଆଦାୟରେ ଉଲ୍ଲେଖନୀୟ ଅଭିବୃଦ୍ଧି ଘଟିଛି । ସରକାରୀ ବିଦ୍ୟାଳୟର ରୂପାନ୍ତରଣ ଓ ଶିକ୍ଷାଦାନର ମାନବୃଦ୍ଧିରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ 'ମୋ ସ୍କୁଲ୍' କାର୍ଯ୍ୟକ୍ରମ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ଲୋକଙ୍କ ପାଇଁ ପାନୀୟ ଜଳର ଗୁରୁତ୍ୱକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ତରଫରୁ ବଜେଟ୍‌କୁ ୨୦୦ କୋଟିରୁ ୪ ହାଜାର କୋଟିକୁ ବୃଦ୍ଧି କରାଯାଇଛି । କେନ୍ଦୁଝର ଜିଲ୍ଲାର ସବୁ ଘରକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ମେଗା ପାନୀୟଜଳ ପ୍ରକଳ୍ପ କାର୍ଯ୍ୟ ଚାଲିଛି । ନିକଟରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଯୋଡା ଓ ଚମ୍ପୁଆ ସହରବାସୀଙ୍କ ପ୍ରତି ଘରକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ପାଇଁ ୧୦୩ କୋଟି ଟଙ୍କା ଟେଣ୍ଡରକୁ ଅନୁମୋଦନ କରିଛନ୍ତି । ଜିଲ୍ଲାପାଳ ଆଶିଷ ଠାକରେ ଏବଂ ଏସ୍.ପି. ମିତ୍ରଭାନୁ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ସମାରୋହର ବିଭିନ୍ନ କାର୍ଯ୍ୟକ୍ରମ ସଂପାଦିତ ହୋଇଥିଲା । ଉପନିର୍ଦ୍ଦେଶକ, ସୂଚନା ଓ ଲୋକ ସଂପର୍କ, କେନ୍ଦୁଝର ସଂଜୀବ ବାରିକ ସମାରୋହର ଧାରାବିବରଣୀ ପ୍ରଦାନ କରିବା ସହ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ । ସଂରକ୍ଷିତ ଆରକ୍ଷୀ ନିରୀକ୍ଷକ ବିମଳ ଚନ୍ଦ୍ର ରାଉତଙ୍କ ନେତୃତ୍ୱରେ ଆର୍ମଡ୍ ପୋଲିସ୍ ଫୋର୍ସ, ଗୃହରକ୍ଷୀ ବାହିନୀ ଏବଂ ପୋଲିସ୍ ବ୍ୟାଣ୍ଡ୍ ବାହିନୀ ରାଷ୍ଟ୍ରୀୟ ଧ୍ୱଜାକୁ ସମ୍ମାନ ଜଣାଇଥିଲେ ଏବଂ ମୁଖ୍ୟ ଅତିଥିଙ୍କୁ ଅଭିବାଦନ ଜଣାଇଥିଲେ । ଏହି ସମାରୋହରେ କେନ୍ଦୁଝର ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ କମଳିନୀ ପାତ୍ର, ଅତିରିକ୍ତ ଜିଲ୍ଲାପାଳ ସୁଷମା ବିଲୁଙ୍ଗ, ପିଡି ଡିଆରଡିଏ ବିଷ୍ଣୁପ୍ରସାଦ ଆଚାର୍ଯ୍ୟ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବରଂଚି ପ୍ରସାଦ ଦେହୁରୀ, କେନ୍ଦୁଝର ଉପଜିଲ୍ଲାପାଳ ରାମଚନ୍ଦ୍ର କିସ୍କୁ, ଡିଏସ୍‌ପି ଡିଆଇବି ଇନ୍ଦୁରେଖା ପଶ୍ଚିମକବାଟ, ଡି.ଏସ୍.ପି.(ହେଡ୍‌କ୍ୱାଟରର୍ସ) ଜୟଶ୍ରୀ ପ୍ରଧାନ, ଡି.ଏସ୍.ପି. (ପିସିଆର ସେଲ୍) ପାସ୍କାଲ ଏକ୍କା, ଜିଲ୍ଲା ମୁଖ୍ୟ ଚିକିତ୍ସା ଏବଂ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାଃ ଅଶୋକ କୁମାର ଦାଶ, କେନ୍ଦୁଝରଗଡ଼ ପୌରପାଳିକାର ନିର୍ବାହୀ ଅଧିକାରୀ ଡଃ ମଧୁସ୍ମିତା ସାମନ୍ତରାୟଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, କୋଭିଡ୍ ଯୋଦ୍ଧା, ଗଣମାଧ୍ୟମର ପ୍ରତିନିଧି ଉପସ୍ଥିତ ଥିଲେ । ଏସ୍.ଡି.ପି.ଓ. ପ୍ରକାଶ ଜେମସ୍ ଟୋପ ଏବଂ ଟାଉନଥାନା ଇନ୍‌ସ୍‌ପେକ୍ଟର ପ୍ରମୋଦିନୀ ସାହୁଙ୍କ ନେତୃତ୍ୱରେ ଆରକ୍ଷୀ ବାହିନୀ ଶାନ୍ତିଶୃଙ୍ଖଳା ଦାୟିତ୍ୱ ନିର୍ବାହ କରିଥିଲେ । ଆନୁଷ୍ଠାନିକ ସମାରୋହ ପରେ ପରେ ତିନିଜଣ ଭିନ୍ନକ୍ଷମ ହିତାଧିକାରୀଙ୍କୁ ମୁଖ୍ୟ ଅତିଥି ବ୍ୟାଟେରି ଚାଳିତ ହୁଇଲ୍ ଚେୟାର ବଂଟନ କରିଥିଲେ । ଏହାପରେ ମୁଖ୍ୟ ଅତିଥି ଜନଜାତି ଶିକ୍ଷା ସାଧନ କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ । ମୁଖ୍ୟ ଅତିଥି ମାନ୍ୟବର ମନ୍ତ୍ରୀ ଶ୍ରୀ ଦାସ ସକାଳେ ସହରରେ ଅବସ୍ଥାପିତ ମହାପୁରୁଷମାନଙ୍କର ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ପ୍ରତ୍ୟୁଷରେ ସୂଚନା ଓ ଲୋକ ସଂପର୍କ ବିଭାଗ ତରଫରୁ ସହରରେ ରାମଧୂନ ପ୍ରଚାର କରାଯାଇଥିଲା । କୋଭିଡ୍ ନିୟମାବଳୀ ତଥା ସରକାରଙ୍କ ମାର୍ଗଦର୍ଶିକା ଅନୁଯାୟୀ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ସମାରୋହ ସମ୍ପାଦିତ ହୋଇଥିଲା ।

ଉପନିର୍ଦ୍ଦେଶକ, ସୂଚନା ଓ ଲୋକ ସଂପର୍କ, କେନ୍ଦୁଝର